# ଓଡିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ୍ ୧୯୯୫

ସରକାର ଓ ସରକାରଙ୍କ ସଂଶ୍ଳିଷ୍ଟ ବିଭିନ୍ନ ସ୍ଥାନୀୟ ଓ ସର୍ବସାଧାରଣ କର୍ତ୍ତୃପକ୍ଷମାନଙ୍କରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଜନସେବକ ଓ ଅଧିକାରୀମାନଙ୍କର କାର୍ଯ୍ୟାବଳୀକୁ ଆବଶ୍ୟକ ମତେ ଅନୁସନ୍ଧାନ କରିବା ପାଇଁ ପୃଥିବୀର ବହୁ ଉନ୍ନତ ଓ ଅନୁନ୍ନତ ଦେଶମାନଙ୍କରେ ଅମ୍ବୁଡସ୍‌ମ୍ୟାନ୍ ଭଳି ଏକ ନିରପେକ୍ଷ ସଂସ୍ଥା କାର୍ଯ୍ୟ କରିଆସୁଛି । ଭାରତର ଜାତୀୟ ସ୍ତରରେ ଏକ ଲୋକପାଳ ପ୍ରତିଷ୍ଠା ପାଇଁ ବିଗତ ଷାଠିଏ ଦଶନ୍ଧିରୁ ବିଭିନ୍ନ ସ୍ତରରେ ପରିକଳ୍ପନା ଓ ପ୍ରୟାସ ହୋଇଆସୁଛି; ଏହା ଉପରେ ବହୁବାର ବିଧେୟକ ସଂସଦରେ ମଧ୍ୟ ଉପସ୍ଥାପିତ ହୋଇଛି ; ତଥାପି ଆମ ଦେଶରେ ଏକ କେନ୍ଦ୍ରୀୟ ଲୋକପାଳ ଏପର୍ଯ୍ୟନ୍ତ ପ୍ରତିଷ୍ଠା ଲାଭ କରିପାରିନାହିଁ । ଓଡିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯେଉଁଠି ଏପ୍ରକାର ଆଇନ୍ ଓଡିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ୍ ୧୯୭୦ ନାମରେ ବଳବତ୍ତର ହୋଇଥିଲା । ଏହାପରେ ମହାରାଷ୍ଟ୍ର (୧୯୭୧), ରାଜସ୍ଥାନ(୧୯୭୩), ବିହାର(୧୯୭୪), ଉତ୍ତରପ୍ରଦେଶ(୧୯୭୫), କର୍ଣ୍ଣାଟକ (୧୯୭୯), ମଧ୍ୟପ୍ରଦେଶ (୧୯୮୧), ହିମାଚଳ ପ୍ରଦେଶ(୧୯୮୩), ଆନ୍ଧ୍ର ପ୍ରଦେଶ(୧୯୮୩), ଗୁଜୁରାଟ(୧୯୮୬) ଓ ଆସାମ (୧୯୮୬)ରେ ଏହି ଆଇନ୍ କାର୍ଯ୍ୟକାରୀ ହୋଇଥିଲା ।

ଓଡିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ୍ ୧୯୭୦କୁ ୧୯୯୨ରେ ପ୍ରତ୍ୟାହାର କରିନିଆଗଲା ଏବଂ ୧୯୯୫ରେ ପୁଣି ଓଡିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ୍ ୧୯୯୫ ନାମରେ ପୁନର୍ବାର ଚାଲୁ ହେଲା । ବର୍ତ୍ତମାନ ଏହି ଆଇନ୍ ହିଁ ବଳବତ୍ତର ଅଛି । ଏହି ଆଇନ୍‌ର ପ୍ରାକ୍‌କଥନରେ କୁହାଯାଇଛି ଯେ, ସରକାର ଅଥବା ଲୋକାଲ୍ ବା ପବ୍ଲିକ୍ କର୍ତ୍ତୃପକ୍ଷମାନଙ୍କ ତରଫରୁ ନିଆଯାଉଥିବା ପ୍ରଶାସନିକ ପଦକ୍ଷେପଗୁଡିରେ ଜଡିତ ଥିବା ଅନ୍ୟାୟ, ଦୁର୍ନୀତି ବା ପ୍ରିୟାପ୍ରୀତିତୋଷଣ ବିଷୟରେ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଲୋକପାଳ ଓ ଲୋକାୟୁକ୍ତମାନଙ୍କୁ ନିଯୁକ୍ତ ଓ କ୍ରିୟାଶୀଳ କରିବା ହେଉଛି ଏହି ଆଇନ୍‌ର ଉଦ୍ଦେଶ୍ୟ । ଏହି ଆଇନ୍‌ରେ ମୋଟ୍ ୨୨ଟି ଧାରା ଓ ୩ଟି ଅନୁସୂଚୀ ରହିଛି । ଏହି ଆଇନ୍ ଅଧୀନରେ ବିଜ୍ଞାପିତ ନିୟମାବଳୀ ୧୯୯୬ରେ ୩ଟି ଫର୍ମ ସଂଲଗ୍ନ ହୋଇଛି (ଫର୍ମ-ଏ, ଫର୍ମ-ବି ଓ ଫର୍ମ-ସି), ଯାହାକୁ ବ୍ୟବହାର କରି କୌଣସି ଇଚ୍ଛୁକ ଅଭିଯୋକ୍ତା ଲୋକପାଳଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିପାରନ୍ତି ।

ଆଇନ୍‌ର **ଧାରା ୨(ଏଲ୍)ରେ 'ଜନସେବକ'ର ସଂଜ୍ଞା** ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରତି ମନ୍ତ୍ରୀ, ରାଜ୍ୟ ସରକାରଙ୍କ ପ୍ରତି ଅଧିକାରୀ ତଥା ସରକାରଙ୍କ ନିୟନ୍ତ୍ରଣ ଅଧୀନରେ ଥିବା ସ୍ଥାନୀୟ କର୍ତ୍ତୃପକ୍ଷ, କର୍ପୋରେସନ୍, କମ୍ପାନୀ ବା ସୋସାଇଟିର ପ୍ରତି ଅଧିକାରୀ ଏହି ଆଇନ୍‌ର ପରିସରଭୁକ୍ତ । **ଧାରା ୨(ବି)ରେ ଅଭିଯୋଗ (ଆଲିଗେସନ୍)ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଯେଉଁସ୍ଥଳେ ଜଣେ ଜନସେବକ ନିଜର ବା ଆଉ ଜଣେ ବ୍ୟକ୍ତିର ସ୍ୱାର୍ଥସାଧନ ପାଇଁ ଅଥବା ଅନ୍ୟ ଜଣେ ବ୍ୟକ୍ତିକୁ ଅନୁଚିତ୍ ଉପାୟରେ କ୍ଷତି ବା ବିପଦରେ ପକାଇବା ପାଇଁ ନିଜ ପଦବୀର ଅପବ୍ୟବହାର କରିଥାନ୍ତି, ଅଥବା ଜଣେ ଜନସେବକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ବା ଦୁର୍ନୀତିମୂଳକ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିଥାନ୍ତି ଅଥବା ସେ ଭ୍ରଷ୍ଟାଚାର ବା ଅସଚ୍ଚୋଟତା ସହିତ କାର୍ଯ୍ୟ କରିଚାଲିଛନ୍ତି, ତେବେ ସେପରି ସ୍ଥଳେ ଅଭିଯୋଗ ଦାଏର୍ ହୋଇପାରିବ । **ଧାରା ୨(ଇ)ରେ ଫରିଆଦ୍ (ଗ୍ରୀଭାନ୍ସ)ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଜଣେ ଜନସେବକଙ୍କର କୁପ୍ରଶାସନ ଫଳରେ ଯଦି ଜଣେ ବ୍ୟକ୍ତି ଅବାଂଛିତ ଭାବେ କୌଣସି କ୍ଷୟକ୍ଷତି ବା ଅସୁବିଧା ଭୋଗ କରିଥାନ୍ତି, ତେବେ ତାହା ଏହି ଆଇନ୍‌ର ପରିସରଭୁକ୍ତ । **ଧାରା ୨(ଏଚ୍)ରେ କୁପ୍ରଶାସନ (ମାଲ୍‌ଆଡ୍‌ମିନିଷ୍ଟ୍ରେସନ୍) ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଯଦି କୋଣସି କନସେବକ ନିଜର ପ୍ରଶାସନିକ ଦାୟିତ୍ୱ ନିର୍ବାହ କରିବାକୁ ଯାଇ ଏପରି ପଦକ୍ଷେପ ନେଇଥାନ୍ତି, ଯାହାକି ଅନୁଚିତ୍, ଅନ୍ୟାୟ, ଦମନମୂଳକ ବା ବିଦ୍ୱେଷମୂଳକ, ଅଥବା ଯଦି କୌଣସି ଉଚିତ୍ ପଦକ୍ଷେପ ନେବାରେ ଅଯଥା ବିଳମ୍ବ ଘଟିଥାଏ ବା ସଂପୃକ୍ତ ପ୍ରଶାସନିକ ପ୍ରକ୍ରିୟା ଯୋଗୁଁ ଅଯଥା ବିଳମ୍ବ ଘଟିଚାଲିଛି, ତେବେ ସେପରି ସ୍ଥଳେ ଏହି ଆଇନ୍‌ର ସୁଯୋଗ ନିଆଯାଇପାରିବ । **ଧାରା ୨(ଡି)ରେ 'ଦୁର୍ନୀତି' ବା 'ଭ୍ରଷ୍ଟାଚାର' (କରପ୍ସନ୍)ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଏହି ଶବ୍ଦ ସେହି ଅର୍ଥ ବହନ କରିବ ଯାହାକି ଭାରତୀୟ ଦଣ୍ଡ ସଂହିତା ୧୮୬୦ର ଅଧ୍ୟାୟ-୯ ବା ଦୁର୍ନୀତି ନିବାରଣ ଆଇନ୍, ୧୯୮୮ରେ ବର୍ଣ୍ଣୀତ ହୋଇଛି । **ଧାରା ୨(୧)ରେ 'କାର୍ଯ୍ୟ' ବା 'ପଦକ୍ଷେପ'ର ସଂଜ୍ଞା**ରୁ ଆମେ ଜାଣିବାକୁ ପାଇ, କେଉଁସବୁ କାର୍ଯ୍ୟ ବା ପଦକ୍ଷେପକୁ ଅନୁସନ୍ଧାନ ପାଇଁ ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରିହେବ । ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ଅଛି ନିଜର ଦାୟିତ୍ୱ ନିର୍ବାହ କରିବାକୁ ଯାଇ ଜନସେବକଙ୍କ ଦ୍ୱାରା ନିଆଯାଇଥିବା କୌଣସି ନିଷ୍ପତ୍ତି, ସୁପାରିଶ୍ ବା ମତାମତ ବା ଏକ୍ଷେତ୍ରରେ ତାଙ୍କର ଦୋଷତ୍ରୁଟି ।

**ଧାରା-୩** ଅନୁଯାୟୀ ରାଜ୍ୟପାଳ ଜଣେ ଲୋକପାଳ ଏବଂ ତାଙ୍କ ସହିତ କାର୍ଯ୍ୟକରିବା ପାଇଁ ଏକ ବା ଏକାଧିକ ଲୋକାୟୁକ୍ତ ନିଯୁକ୍ତ କରିପାରନ୍ତି । ସୁପ୍ରିମ୍ କୋର୍ଟ କିମ୍ବା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ଲୋକପାଳ ଭାବେ ତଥା ହାଇକୋର୍ଟର ବିଚାରପତି ହେବାର ଯୋଗ୍ୟତା ଧାରଣ କରିଥିବା ଜଣେ ବ୍ୟକ୍ତି ଲୋକାୟୁକ୍ତ ଭାବେ ନିଯୁକ୍ତ ହୋଇପାରିବେ । ଲୋକପାଳ ନିଯୁକ୍ତି ପୂର୍ବରୁ ସେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିରୋଧୀ ଦଳର ନେତାଙ୍କ ସହ ପରାମର୍ଶ କରିବେ, ତଥା ଲୋକାୟୁକ୍ତ ନିଯୁକ୍ତି ପୂର୍ବରୁ ଲୋକପାଳଙ୍କ ସହ ପରାମର୍ଶ କରିବେ । **ଧାରା-୫** ଅନୁଯାୟୀ ଉଭୟ ଲୋକପାଳ ଓ ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ୫ବର୍ଷ ହେବ । ଲୋକପାଳ କେଉଁସବୁ ବିଷୟରେ ଅନୁସନ୍ଧାନ କରିପାରିବେ ତାହା **ଧାରା-୭** ଅଧୀନରେ ବର୍ଣ୍ଣୀତ ହୋଇଛି । ଲୋକପାଳ ନିଜେ ନିଷ୍ପତ୍ତି ନେଇ ଜଣେ ମନ୍ତ୍ରୀ, ମୁଖ୍ୟ ସଚିବ ବା ସଚିବଙ୍କ ବିରୁଦ୍ଧରେ ଅଭିଯୋଗର ଅନୁସନ୍ଧାନ କରିପାରିବେ । ଏହି ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଜନସେବକଙ୍କ ବିରୁଦ୍ଧରେ ଅଭିଯୋଗକୁ ଜଣେ ଲୋକାୟୁକ୍ତ ଲୋକପାଳଙ୍କ ସହ ପରାମର୍ଶ କରି ାନୁସନ୍ଧାନ କରିବେ । କିନ୍ତୁ ଲୋକପାଳ ଚାହିଁଲେ ଯେ କୌଣସି ଅଭିଯୋଗକୁ ଅନୁସନ୍ଧାନ କରିପାରିବେ ।

**ଧାରା-୧୩** ଅନୁଯାୟୀ ଯଦି ମୁଖ୍ୟମନ୍ତ୍ରୀ ଲୋକପାଳଙ୍କ ନିକଟରୁ ଏଭଳି ଏକ ରିପୋର୍ଟ ପାଆନ୍ତି, ଯେଉଁଥିରେ ତାଙ୍କ ବିରୁଦ୍ଧରେ ଅଭିଯୋଗର ଅନୁସନ୍ଧାନ କରାଯାଇଥବ, ତେବେ ମୁଖ୍ୟମନ୍ତ୍ରୀ ଆବଶ୍ୟକ ସ୍ଥଳେ ନିଜର ମନ୍ତବ୍ୟ ସହ ତାକୁ ରାଜ୍ୟପାଳଙ୍କ ନିକଟକୁ ଅଭିପ୍ରେରଣ କରିବେ । ରାଜ୍ୟପାଳ ନିଜେ ଉଚିତ୍ ମନେ କରିବା ମତେ ସେହି ରପୋର୍ଟ ଭିତ୍ତିରେ ନିଜର ଆଦେଶ ଜାରି କରିବେ, ଏବଂ ଉକ୍ତ ରିପୋର୍ଟ ସହିତ ନିଜର ଆଦେଶକୁ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପିତ କରାଇବେ ।

**ଧାରା-୮** ରେ କେଉଁସବୁ ବିଷୟ ଲୋକପାଳଙ୍କ ଅନୁସନ୍ଧାନ ପରିସରଭୁକ୍ତ ହେବନାହିଁ, ତାହା ସୂଚୀତ ହୋଇଛି । ଯଥା- ଯଦି କୌଣସି ବିଷୟ ତଦନ୍ତ କମିଶନ୍ ଆଇନ୍ ୧୯୫୨ ବା ଜନସେବକ ଅନୁସନ୍ଧାନ ଆଇନ୍ ୧୯୫୦ ଅଧୀନରେ କୋଣସି ବିଷୟର ଅନୁସନ୍ଧାନ କରାଯାଉଥିବ ; ଯଦି ଗୋଟିଏ ଅଭିଯୋଗ ବା ଫରିଆଦ୍ ଯଥାକ୍ରମେ ନିର୍ଦ୍ଧାରିତ ସମୟସୀମା (୫ ବର୍ଷ ଓ ୧ବର୍ଷ) ଅତିକ୍ରାନ୍ତ ହେବା ପରେ ଦାଖଲ ହୋଇଥାଏ; ଯଦି କୌଣସି ଟ୍ରିବୁନାଲ୍ ବା ଅଦାଲତ ମାଧ୍ୟମରେ ସଂପୃକ୍ତ ବିଷୟ ଫଇସଲା ପୋଇପାରିବ; ଇତ୍ୟାଦି ।

**ଧାରା-୯** ରେ ଅଭିଯୋଗ ଦାଖଲ ପଦ୍ଧତି ବିଷୟରେ ପ୍ରାବ୍‌ଧାନମାନ ସ୍ଥାନିତ ହୋଇଛି । ଗୋଟିଏ ଫରିଆଦ୍ ବା ଗ୍ରୀଭାନ୍ସ କ୍ଷେତ୍ରରେ ସଂପୃକ୍ତ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ବା ଯଦି ସେ ମୃତ ବା ଅକ୍ଷମ ହୋଇଥାନ୍ତି ତେବେ ଯଥାକ୍ରମେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇପାରିବ । କିନ୍ତୁ ଅଭିଯୋଗ ବା ଆଲିଗେସନ୍ କରିପାରିବେ ଜଣେ ଜନସେବକଙ୍କୁ ଛାଡି ଅନ୍ୟ ଯେ କୋଣସି ବ୍ୟକ୍ତି ଦାଖଲ କରିପାରିବେ । ଜଣେ ବ୍ୟକ୍ତି ଥାନା ହାଜତ୍, ଜେଲ୍ ବା ପାଗଳଖାନାରୁ ମଧ୍ୟ ଲୋକପାଳ ବା ଲୋକାୟୁକ୍ତଙ୍କ ନିକଟକୁ ନିଜର ଆବେଦନ ପଠାଇପାରିବେ । ବିହିତ ହୋଇଥିବା ପଦ୍ଧତିରେ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ ହୋଇପାରିବ ।

**ଧାରା-୧୦** ରେ ଅନୁସନ୍ଧାନ ପଦ୍ଧତିର ଅବତାରଣା କରାଯାଇଛି । ଲୋକପାଳ ପ୍ରାଥମିକ ଅନୁଧ୍ୟାନ କଲାପରେ ଯଦି ହୃଦ୍‌ବୋଧ କରନ୍ତି ଯେ କୌଣସି ଏକ ବିଷୟରେ ସବିଶେଷ ଅନୁସନ୍ଧାନ କରିବାର ଆବଶ୍ୟକ ଅଛି, ତେବେ ସେ ଅଭିଯୁକ୍ତ ଜନସେବକଙ୍କ ନିକଟକୁ ଅଭିଯୋଗର ସାରାଂଶ ପଠାଇବେ ଏବଂ ତାଙ୍କୁ ନିଜ ବକ୍ତବ୍ୟ ପେଶ୍ କରିବା ପାଇଁ ସୁଯୋଗ ଦେବେ । ପ୍ରତି ଅନୁସନ୍ଧାନ ପ୍ରାଇଭେଟ୍ ବାତାବରଣରେ ପରିଚାଳିତ ହେବ ତଥା ଅଭିଯୋକ୍ତା ନାଗରିକ ବା ଅଭିଯୁକ୍ତ ଜନସେବକଙ୍କ ପରିଚୟକୁ କୌଣସି ପର୍ଯ୍ୟାୟରେ, ଏପରିକି ଅନୁସନ୍ଧାନ ସମାପ୍ତ ହେବା ପରେ ମଧ୍ୟ ସର୍ବସାଧାରଣରେ ବା ଗଣମାଧ୍ୟମ ସାମନାରେ ପ୍ରକାଶ କରାଯିବ ନାହିଁ । କିନ୍ତୁ ଲୋକପାଳ କୌଣସି ଏକ ବିଷୟ ଉପରେ ଅନୁସନ୍ଧାନ କରିବା ପାଇଁ ମନା କରିଦେଇ ପାରନ୍ତି, ଯଦି ତାହା ଖାମଖିଆଲି ବା ବାଜେ ଧରଣର ହୋଇଥାଏ, ଯଦି ଅନୁସନ୍ଧାନ କଲାଭଳି ପର୍ଯ୍ୟାପ୍ତ ବିଷୟବସ୍ତୁ ନଥାଏ ତଥା ଅଭିଯୋଗର ବିଷୟଟି ଅନ୍ୟ ଫୋରମ୍‌ରେ ସମାଧାନ ହୋଇପାରିବାର ସୁଯୋଗ ଥାଏ ।

ଅନୁସନ୍ଧାନ  ଅଧୀନ ଏକ ବିଷୟ ଉପରେ ଲୋକପାଳଙ୍କ ରିପୋର୍ଟ ଓ ତହିଁର ତାତ୍ପର୍ଯ୍ୟ ସମ୍ବନ୍ଧରେ **ଧାରା-୧୨** ରେ ବ୍ୟବସ୍ଥାମାନ ସୂଚୀତ ହୋଇଛି । ସଂପୃକ୍ତ ଅଭିଯୋକ୍ତା ସହିଥିବା ଅନ୍ୟାୟ ବା ସମସ୍ୟାର ପ୍ରତିକାର କରିବା ପାଇଁ ଲୋକପାଳ ସଂପୃକ୍ତ ଅଧିକାରୀ ବା କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇପାରନ୍ତି, ଯେ କି ମାସକ ଭିତରେ ଏ ବିଷୟରେ ନେଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଲୋକପାଳଙ୍କୁ ଅବଗତ କରିବେ । ଯେଉଁସ୍ଥଳେ ଲୋକପାଳ ଅନୁସନ୍ଧାନରୁ ଜାଣିପାରନ୍ତି ଯେ ଏକ ଅଭିଯୋଗର ସତ୍ୟତା ରହିଛି, ସେପରିସ୍ଥଳେ ଲୋକପାଳ ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ସେ ବିଷୟରେ ଏକ ରିପୋର୍ଟ ଓ ନିଜର ସୁପାରିଶ୍ ପଠାଇବେ ଏବଂ ଉକ୍ତ କର୍ତ୍ତୃପକ୍ଷ ତିନିମାସ ଭିତରେ ନିଜର କାର୍ଯ୍ୟାନୁଷ୍ଠାନ ବିଷୟରେ ଲୋକପାଳଙ୍କୁ ଅବଗତ କରିବେ । ଯଦି ଲୋକପାଳ ଉକ୍ତ କର୍ତ୍ତୃପକ୍ଷଙ୍କ ଉତ୍ତରରେ ସନ୍ତୁଷ୍ଟ ହୁଅନ୍ତି ତେବେ ସେ ସଂପୃକ୍ତ କେଶ୍‌କୁ ଅବସାନ କରାଇପାରନ୍ତି, ଏବଂ ଯଦି ସେହି ଉତ୍ତର ସନ୍ତୋଷଜନକ ନହୁଏ ତେବେ ଲୋକପାଳ ରାଜ୍ୟପାଳଙ୍କ ନିକଟକୁ ସମଗ୍ର ବିଷୟରେ ଏକ ସତନ୍ତ୍ର ରିପୋର୍ଟ ପଠାଇପାରନ୍ତି । ଲୋକପାଳ ବର୍ଷକ ଭିତରେ ସେମାନଙ୍କ ଦ୍ୱାରା ସଂପାଦିତ କାର୍ଯ୍ୟକଳାପ ସଂବନ୍ଧରେ ଏକ ବାର୍ଷିକ ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ କରିବେ । ରାଜ୍ୟପାଳଙ୍କୁ ମିଳିଥିବା ସତନ୍ତ୍ର ରିପୋର୍ଟ ଓ ବାର୍ଷିକ ରିପୋର୍ଟ ରାଜ୍ୟ ଆଇନ୍ ସଭାରେ ରାଜ୍ୟପାଳ ଉପସ୍ଥାପିତ କରାଇବେ । ଯେଉଁସ୍ଥଳେ ଏକ ଅଭିଯୋଗର ସତ୍ୟତା ନାହିଁ ବୋଲି ଲୋକପାଳଙ୍କର ହୃଦ୍‌ବୋଧ ହେବ, ସେପରି ସ୍ଥଳେ ଲୋକପାଳ ସଂପୃକ୍ତ ଅଭିଯୋକ୍ତା ଏବଂ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଜଣାଇଦେବେ ।

**ଧାରା-୧୫** ରେ ସୂଚନାର ଗୋପନୀୟତା ସଂବନ୍ଧରେ ଅବତାରଣା କରାଯାଇଛି । ଏକ ବିଷୟ ଉପରେ ଅନୁସନ୍ଧାନ କଲାବେଳେ ଯେଉଁସବୁ ତଥ୍ୟାବଳୀ ଲୋକପାଳଙ୍କୁ ହସ୍ତଗତ ହୁଏ, ସେଗୁଡିକ ଗୋପନୀୟ ବୋଲି ବିବେଚିତ ହେବ ଏବଂ ଏପରିକି କୌଣସି ଅଦାଲତ ସେପ୍ରକାର ତଥ୍ୟ ଲୋକପାଳଙ୍କ ନିକଟରୁ ତଲବ୍ କରିପାରିବେ ନାହିଁ । ପୁଣି ଯଦି ସଂପୃକ୍ତ ଅଧିକାରୀ ବା କର୍ତ୍ତୃପକ୍ଷ ଲୋକପାଳଙ୍କୁ ଜଣାଇଥାନ୍ତି ଯେ କେଶ୍ ସହିତ ସଂଶ୍ଳିଷ୍ଟ କେତେକ ସୂଚନାକୁ ପ୍ରକଟନ କରିବା ସର୍ବସାଧାରଣ ସ୍ୱାର୍ଥର ବିରୁଦ୍ଧାଚରଣ କରିବ, ତେବେ ଲୋକପାଳଙ୍କ କାର୍ଯ୍ୟାଳୟରୁ ଏପ୍ରକାର ସୂଚନା କଦାପି ପ୍ରକାଶ କରାଯିବ ନାହିଁ । ଗୋଟିଏ କେଶ୍‌ର ଅନୁସନ୍ଧାନ ବିଷୟରେ, ଏପରିକି ଅନୁସନ୍ଧାନ ସମାପ୍ତ ହେବା ପରେ କୌଣସି ତଥ୍ୟ ପ୍ରକାଶନ କରାଯିବ ନାହିଁ ଏବଂ ଯେଉଁ ବ୍ୟକ୍ତି ଏହାର ଉଲ୍ଲଂଘନ ଘଟାଇବେ ତାଙ୍କୁ ସର୍ବାଧିକ ଦୁଇବର୍ଷ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡ ମିଳିବ । କିନ୍ତୁ ରାଜ୍ୟ ଆଇନ୍‌ସଭାରେ ଏକ ରିପୋର୍ଟ ଉପସ୍ଥାପିତ ହେବା ପରେ ତହିଁର କୌଣସି ତଥ୍ୟର ପ୍ରକାଶନ ଦଣ୍ଡନୀୟ ହେବନାହିଁ ।

**ଧାରା-୧୬** ରେ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ତାଙ୍କର ଆଚରଣ, ବକ୍ତୃତା ବା ଲେଖାଲେଖି ମାଧ୍ୟମରେ ଲୋକପାଳଙ୍କୁ ଅପମାନ କରନ୍ତି ବା ଅନୁସନ୍ଧାନରେ ବ୍ୟାଘାତ ଘଟାନ୍ତି ତେବେ ତାଙ୍କୁ ସର୍ବାଧିକ ଦୁଇବର୍ଷ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡ ମିଳିବ ।

**ଧାରା-୨୧** ଅନୁଯାୟୀ କେତେକ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଲୋକପାଳ ଅନୁସନ୍ଧାନ କରିବେ ନାହିଁ, ଯଥା କୌଣସି ଅଦାଲତର କୌଣସି ବିଚାରପତି ବା କର୍ମଚାରୀ, ପବ୍ଲିକ୍ ସର୍ଭିସ୍ କମିଶନ୍‌ର ଅଧ୍ୟକ୍ଷ ବା ସଦସ୍ୟ, ମୁଖ୍ୟ ନିର୍ବାଚନ କମିଶନର୍ ବା ଆଞ୍ଚଳିକ କମିଶନର୍, ରାଜ୍ୟ ବିଧାନସଭାର ବାଚସ୍ପତି ବା ଉପବାଚସ୍ପତି, ଓ ଉପିଶା ପ୍ରଶାସନିକ ଟ୍ରିବୁନାଲ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ ବା ସଦସ୍ୟଗଣ । ଯଦି କୌଣସି ଅଦାଲତର ବିଚାରପତି ଏବଂ ମୁଖ୍ୟ ଅଧିକାରୀଙ୍କ ଛଡା ଆଉ କୌଣସି କର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ ହୋଇଥାଏ, ତେବେ ଲୋକପାଳ ତାହାକୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟକୁ ଅନୁସନ୍ଧାନ ପାଇଁ ପଠାଇଦେବେ ।